ଭାରତ ସଂଘ ଇତ୍ୟାଦି

ବନାମ

ଜାତୀୟ ଜଳବିଦ୍ୟୁତ ଶକ୍ତି ନିଗମ ଲିମିଟେଡ଼

ଏବଂ ଅନ୍ୟମାନେ ଇତ୍ୟାଦି

ଜୁଲାଇ 25, 2001

[ବି.ଏନ୍. କିରପାଲ, ଏନ୍. ସନ୍ତୋଷ ହେଗଡେ ଏବଂ କେ.ଜି. ବାଲକ୍ରିଷ୍ଣନ, ନ୍ୟାୟମୂର୍ତ୍ତିବୃନ୍ଦ]

*ଜଳ (ପ୍ରଦୂଷଣ ନିବାରଣ ଏବଂ ନିୟନ୍ତ୍ରଣ) ଉପକର ଅଧିନିୟମ, 1977 :*

*ଧାରା 16 (2) - ଅନୁସୂଚୀ-I ର ସଂଶୋଧନ - ପ୍ରଦୂଷଣ ସୃଷ୍ଟି କରୁଥିବା ଏକକ - କରବସାଣ ଏବଂ ଅନୁସୂଚୀ I ରେ ନିର୍ଦ୍ଧାରିତ ଶିଳ୍ପଗୁଡ଼ିକରୁ ଉପକର ସଂଗ୍ରହ - ପ୍ରାରମ୍ଭରେ ଜଳବିଦ୍ୟୁତ ଉତ୍ପାଦନ ଶିଳ୍ପ ଅନୁସୂଚୀ-1ରେ ଅନ୍ତର୍ଭୁକ୍ତ ହୋଇନଥିଲା - ଜଳବିଦ୍ୟୁତ ଉତ୍ପାଦନ ଶିଳ୍ପ ଉପରେ ଉପକର ଲାଗୁ କରିବା ପାଇଁ ତା 16.4.1998 ରିଖରେ ଅଧିସୂଚନା ସଂଖ୍ୟା ଜି.ଏସ୍.ଆର୍. 377 (E) ଜାରି କରାଯାଇଛି - ଆପତ୍ତି କରାଯାଇଛି - ଉଚ୍ଚ ନ୍ୟାୟାଳୟ କହିଛନ୍ତି ଯେ ଅନୁସୂଚୀ-I କୁ ସଂଶୋଧନ କରିବା ସମୟରେ ଧାରା 16ରେ ବ୍ୟବସ୍ଥାଗୁଡ଼ିକର ଅନୁପାଳନ କରାଯାଇନାହିଁ - ନିର୍ଣ୍ଣୟ କରାଗଲା, ଉଚ୍ଚ ନ୍ୟାୟାଳୟ ଏହା ନିର୍ଣ୍ଣୟ କରିବାରେ ଠିକ୍ ଥିଲେ ଯେ ଉପକର ଆଦାୟ ଆଇନ ଅନୁଯାୟୀ ନଥିଲା - ଯଦିଓ ଏହି ଅଧିସୂଚନା ସଂସଦରେ ଉପସ୍ଥାପିତ ହୋଇଥିଲା, କିନ୍ତୁ ସଂକଳ୍ପ ପାରିତ କରିବା ପାଇଁ ପଦକ୍ଷେପ ଆରମ୍ଭ ହୋଇନଥିଲା, ତେଣୁ ଏହା କୁହାଯାଇପାରିବ ନାହିଁ ଯେ ଅଧିନିୟମର ଅନୁସୂଚୀ I ରେ ଏକ ବୈଧ ସଂଶୋଧନ ହୋଇଥିଲା । ଆଇନ ପ୍ରଣୟନ - ଏକ ଅଧିନିୟମର ସଂଶୋଧନ - ପରିବେଶ ଆଇନ ।*

ଦେୱାନୀ ଆବେଦନ ଅଧିକାରିତା : ଦେୱାନୀ ଆବେଦନ ସଂଖ୍ୟା 2885/2000 ।

ସି.ଡବ୍ଲ୍ୟୁ.ପି. ସଂଖ୍ୟା 403/1997 ରେ ହିମାଚଳ ପ୍ରଦେଶ ଉଚ୍ଚ ନ୍ୟାୟାଳୟଙ୍କ ତା 11.10.99 ରିଖର ରାୟ ଏବଂ ଆଦେଶରୁ ।

ଏବଂ

2000ର ସି.ଏ. ସଂଖ୍ୟା 4659-4668 ସହିତ ସି.ଏ. ସଂଖ୍ୟା 4516/2000 ଏବଂ 4517/2000 ।

ଉପସ୍ଥିତ ପକ୍ଷମାନଙ୍କ ପାଇଁ ଡି.ଏସ୍. ମେହେରା, କେ.କେ. ବେଣୁଗୋପାଳ, ସୁଶ୍ରୀ ବି. ସୁନୀତା ରାଓ, ସୁଶ୍ରୀ ସୁଷମା ସୁରୀ, ସତୀଶ କେ. ଅଗ୍ନିହୋତ୍ରୀ, ସୁଶ୍ରୀ ଯୋଗମାୟା ଅଗ୍ନିହୋତ୍ରୀ, ଅନିଲ କେ. ପାଣ୍ଡେ, ନରେଶ କେ. ଶର୍ମା, ଧ୍ରୁବ ମେହେତା, ଏନ୍. ଧାରା ବାୱା, ଏନ୍.ଡି. କାଲରା, ସୁଶ୍ରୀ କରଣ ନେହରା, ସୁଶ୍ରୀ ଶୋଭା, ଅନୀଲ ନାଗ, ଅଶୋକ କୁମାର ଗୁପ୍ତା, ଅଜିତ ପୁଦୁସରୀ, ସୁଶୀଲ କେ. ଜୈନ, ସୁଶ୍ରୀ ଜୟଶ୍ରୀ ଆନନ୍ଦ, ଜଗଜିତ୍ ଏସ୍. ଛାବ୍ରା, ଭି.କେ. ଶୈଳେନ୍ଦ୍ର, କ୍ରିଷ୍ଣନ ବେଣୁଗୋପାଳ, ଆର୍.ଏସ୍. ସୁରୀ, ମହାବୀର ସିଂ, ଏସ୍.ବି. ଉପାଧ୍ୟାୟ ଏବଂ ରାଜୀବ ନନ୍ଦା ।

ନ୍ୟାୟାଳୟଙ୍କ ନିମ୍ନଲିଖିତ ଆଦେଶ ପ୍ରଦାନ କରାଯାଇଥିଲା :

ଦେୱାନୀ ଆବେଦନ ସଂଖ୍ୟା 2885/2000 ଏବଂ 4659-4668/2000

ଏହି ମାମଲାରେ ବିଚାର ପାଇଁ ଯେଉଁ ସଂକ୍ଷିପ୍ତ ପ୍ରଶ୍ନ ଉଠୁଛି ତାହା ହେଉଛି : ଜଳ ବିଦ୍ୟୁତ୍ ଉତ୍ପାଦନ ଶିଳ୍ପ ଉପରେ ଜଳ (ପ୍ରଦୂଷଣ ନିବାରଣ ଏବଂ ନିୟନ୍ତ୍ରଣ) ଉପକର ଅଧିନିୟମ, 1977 (ଏହା ପରେ "ଉକ୍ତ ଅଧିନିୟମ" ଭାବରେ ସୂଚିତ) ର ବ୍ୟବସ୍ଥା ଅନୁଯାୟୀ ଏକ ବୈଧ କର ଲାଗୁ ହୋଇପାରିବ କି ?

ପ୍ରଦୂଷଣ ସୃଷ୍ଟି କରୁଥିବା ଅନୁମାନ କରାଯାଉଥିବା କାରକଗୁଡ଼ିକରୁ ଉପକର ଆଦାୟ ଏବଂ ସଂଗ୍ରହ କରିବା ଉଦ୍ଦେଶ୍ୟରେ ଉପରୋକ୍ତ ଅଧିନିୟମ ଘୋଷଣା କରାଯାଇଥିଲା ଏବଂ ଏଥିରୁ ଆଦାୟ ହୋଇଥିବା ପାଣ୍ଠିକୁ ପ୍ରତିକାରମୂଳକ ପଦକ୍ଷେପ ପାଇଁ ଉପଯୁକ୍ତ କର୍ତ୍ତୃପକ୍ଷଙ୍କୁ ନ୍ୟସ୍ତ କରାଯାଇଥିଲା ।

ପାର୍ଶ୍ୱ ଅଧିନିୟମର ଧାରା 3 ଅନୁଯାୟୀ, ଯେକୌଣସି ନିର୍ଦ୍ଦିଷ୍ଟ ଶିଳ୍ପ ପରିଚାଳନା କରୁଥିବା ପ୍ରତ୍ୟେକ ବ୍ୟକ୍ତି ଏବଂ ପ୍ରତ୍ୟେକ ସ୍ଥାନୀୟ କର୍ତ୍ତୃପକ୍ଷଙ୍କ ଦ୍ୱାରା ଉପକର ପ୍ରଦାନ କରାଯାଉଥିଲା । 'ନିର୍ଦ୍ଦିଷ୍ଟ ଶିଳ୍ପ' ଅଭିବ୍ୟକ୍ତିଟି ଧାରା 2 (c) ରେ ବ୍ୟାଖ୍ୟା କରାଯାଇଛି ଯାହାର ଅର୍ଥ ଅନୁସୂଚୀ-I ରେ ବିନିର୍ଦ୍ଦିଷ୍ଟ ଯେକୌଣସି ଶିଳ୍ପ ।

ଯେତେବେଳେ ଏହି ଅଧିନିୟମ ପ୍ରବର୍ତ୍ତିତ ହୋଇଥିଲା, ସେତେବେଳେ ଜଳବିଦ୍ୟୁତ ଉତ୍ପାଦନ ଶିଳ୍ପକୁ ଅନୁସୂଚୀ-I ରେ ଅନ୍ତର୍ଭୁକ୍ତ କରାଯାଇନଥିଲା । ଏହି ଶିଳ୍ପ ଉପରେ ଉପକର ଲାଗୁ କରିବା ପାଇଁ 16 ଏପ୍ରିଲ 1993 ର ଅଧିସୂଚନା ସଂଖ୍ୟା ଜି.ଏସ୍.ଆର୍. 377 (E) କୁ ଅଧିନିୟମର ଧାରା 16 ଅନୁଯାୟୀ ଜାରି କରାଯିବାର ଥିଲା ।

ଜଳବିଦ୍ୟୁତ ଉତ୍ପାଦନ ଶିଳ୍ପ ଉପରେ ଉପକର ଲଗାଯିବାକୁ ଆପତ୍ତି କରି ଉତ୍ତରଦାତା ରିଟ ଆବେଦନ ଦାଖଲ କରିଥିଲେ । ଉଠାଯାଇଥିବା ଅନ୍ୟ କାରଣଗୁଡ଼ିକ ମଧ୍ୟରେ, ଉତ୍ତରଦାତାମାନଙ୍କ ତରଫରୁ ଏହା ଯୁକ୍ତି କରାଯାଇଥିଲା ଯେ ଅଧିନିୟମର ଅନୁସୂଚୀ-I ରେ କୌଣସି ବୈଧ ସଂଶୋଧନ କରାଯାଇ ନାହିଁ, ତେଣୁ କୌଣସି ଉପକର ଲାଗୁ କରାଯାଇପାରିବ ନାହିଁ । ଏହା ଉଚ୍ଚ ନ୍ୟାୟାଳୟଙ୍କ ଦ୍ୱାରା ଗ୍ରହଣ କରାଯାଇଥିବା ଯୁକ୍ତିଗୁଡ଼ିକ ମଧ୍ୟରୁ ଗୋଟିଏ ଥିଲା, ଯାହା ଏହି ଉପସଂହାରରେ ପହଞ୍ଚିଥିଲା ଯେ ଅଧିନିୟମର ଅନୁସୂଚୀ-I ରେ ସଂଶୋଧନ କରିବା ଉଦ୍ଦେଶ୍ୟରେ ଧାରା 16 ରେ ଥିବା ବ୍ୟବସ୍ଥାଗୁଡ଼ିକର ଅନୁପାଳନ କରାଯାଇନାହିଁ ।

ଏହି ଆବେଦନଗୁଡିକରେ, ବିଦ୍ୱାନ ଅତିରିକ୍ତ ସଲିସିଟର ଜେନେରାଲଙ୍କ ଦ୍ୱାରା ଏହା ଯୁକ୍ତି କରାଯାଇଛି ଯେ ଧାରା 16 ଦ୍ୱାରା ମନସ୍ଥ ଅନୁଯାୟୀ ଏକ ଅଧିସୂଚନା ଜାରି କରାଯାଇଥିଲା ଏବଂ ଏହି ମାମଲାକୁ ଏକ ସଂସଦୀୟ କମିଟି ନିକଟକୁ ପଠାଯାଇଥିଲା ଏବଂ ଏହା ଦର୍ଶାଏ ଯେ ଧାରା 16 ର ବ୍ୟବସ୍ଥାଗୁଡ଼ିକର ପର୍ଯ୍ୟାପ୍ତ ଅନୁପାଳନ କରାଯାଇଥିଲା ଏବଂ ସଂଶୋଧନକୁ ଅନୁସୂଚୀ I ରେ ବିଧିବଦ୍ଧ ଭାବରେ ଅନ୍ତର୍ଭୁକ୍ତ କରାଯାଇଛି ବୋଲି ବିବେଚନା କରାଯିବା ଉଚିତ ।

ଧାରା 16 କୁ ନିମ୍ନରେ ପଢାଗଲା :

> “16. ଅନୁସୂଚୀ-I ରେ ସଂଶୋଧନ କରିବାର କ୍ଷମତା - (1) କେନ୍ଦ୍ର ସରକାର, ସରକାରୀ ରାଜପତ୍ରରେ ଅଧିସୂଚନା ମାଧ୍ୟମରେ ଶିଳ୍ପର ପରିଚାଳନାରେ ଜଳର ବ୍ୟବହାର ଏବଂ କୌଣସି ସ୍ରୋତକୁ ପ୍ରଦୂଷଣରେ ପରିଣତ କରୁଥିବା ଜଳ ନିଷ୍କାସନକୁ ଦୃଷ୍ଟିରେ ରଖି, କୌଣସି ଶିଳ୍ପକୁ ଅନୁସୂଚୀ I ରେ ଯୋଡିପାରିବେ ଏବଂ ଏହା ଉପରେ ଅନୁସୂଚୀ I, ଉପ-ଧାରା (2) ର ବ୍ୟବସ୍ଥାଗୁଡିକର ସର୍ତ୍ତାବଳୀକୁ ଦୃଷ୍ଟିରେ ରଖି, ସେହି ଅନୁଯାୟୀ ସଂଶୋଧିତ ବୋଲି ବିବେଚନା କରିପାରିବେ ।

(2) ଏହିପରି ପ୍ରତ୍ୟେକ ଅଧିସୂଚନାକୁ, ଅଧିସୂଚନା ଜାରି ହେବା ପରେ ଯଥାଶୀଘ୍ର ସଂସଦର ପ୍ରତ୍ୟେକ ଗୃହ ସମ୍ମୁଖରେ ରଖାଯିବ, ଯଦି ଏହା ଅଧିବେଶନରେ ଥାଏ ଏବଂ ଯଦି ଏହା ଅଧିବେଶନରେ ନଥାଏ, ତେବେ ଏହାର ପୁନଃସଭା ହେବାର ସାତ ଦିନ ମଧ୍ୟରେ ଏବଂ କେନ୍ଦ୍ର ସରକାର ଲୋକସଭାରେ ଅଧିସୂଚନା ଜାରି ହେବାର ଦିନଠାରୁ ଆରମ୍ଭ କରି ପନ୍ଦର ଦିନ ମଧ୍ୟରେ ଆଗତ ହୋଇଥିବା ଏକ ସଂକଳ୍ପ ଦ୍ୱାରା ଅଧିସୂଚନା ପାଇଁ ସଂସଦର ଅନୁମୋଦନ ମାଗିବେ, ଏବଂ ଯଦି ସଂସଦ ଅଧିସୂଚନାରେ କୌଣସି ପରିବର୍ତ୍ତନ କରନ୍ତି କିମ୍ବା ଅଧିସୂଚନା ପ୍ରଭାବହୀନ ହେବା ପାଇଁ ନିର୍ଦ୍ଦେଶ ଦିଅନ୍ତି, ତେବେ ଅଧିସୂଚନା କେବଳ ସେହି ପରିବର୍ତ୍ତିତ ରୂପରେ ପ୍ରଭାବଶାଳୀ ହେବ କିମ୍ବା କୌଣସି ପ୍ରଭାବ ରହିବ ନାହିଁ, କିନ୍ତୁ ଏହା ଅଧୀନରେ ପୂର୍ବରୁ କରାଯାଇଥିବା କୌଣସି କାର୍ଯ୍ୟର ବୈଧତାକୁ ପ୍ରଭାବିତ ନକରି ।"

ଉପଧାରା (1) କେନ୍ଦ୍ର ସରକାରଙ୍କୁ କୌଣସି ଶିଳ୍ପକୁ ଅନୁସୂଚୀ-I ରେ ଯୋଡ଼ିବାର କ୍ଷମତା ପ୍ରଦାନ କରିଥାଏ, କିନ୍ତୁ ଯେଉଁ ପ୍ରକ୍ରିୟା ଅନୁସରଣ କରାଯିବ ତାହା ଉପଧାରା (2) ଦ୍ୱାରା ପ୍ରଦାନ କରାଯାଇଥାଏ । ଯେତେବେଳେ ଅନୁସୂଚୀ - I ରେ ସଂଶୋଧନ କରିବା ଉଦ୍ଦେଶ୍ୟରେ କୌଣସି ଅଧିସୂଚନା ଜାରି କରାଯାଏ, ସେତେବେଳେ ଏହି ଅଧିସୂଚନାକୁ ସଂସଦର ପ୍ରତ୍ୟେକ ଗୃହ ସମ୍ମୁଖରେ ରଖାଯିବା ଆବଶ୍ୟକ, ଯଦି ସଂସଦ ଅଧିବେଶନରେ ଥାଏ ଏବଂ ଯଦି ସଂସଦ ଅଧିବେଶନରେ ନଥାଏ, ତେବେ ସଂସଦର ପୁନଃସଭା ଠାରୁ ସାତ ଦିନର ଏକ ସମୟସୀମା ଧାର୍ଯ୍ୟ କରାଯାଇଥାଏ, ଯେଉଁ ସମୟ ସୀମା ମଧ୍ୟରେ ଅଧିସୂଚନାକୁ ଉପସ୍ଥାପନ କରିବା ଆବଶ୍ୟକ । ଉପଧାରା (2) ଆହୁରି ମଧ୍ୟ ଆବଶ୍ୟକ କରେ ଯେ ଅଧିସୂଚନା ଉପସ୍ଥାପିତ ହେବା ପରେ, ଅଧିସୂଚନା ଉପସ୍ଥାପିତ ହେବାର ପନ୍ଦର ଦିନ ମଧ୍ୟରେ, କେନ୍ଦ୍ର ସରକାରଙ୍କୁ ଅଧିସୂଚନା ଜାରି କରିବା ପାଇଁ ସଂସଦର ଅନୁମୋଦନ ନେବାକୁ ପଡିବ । ଉପଧାରା (2) କୁ କେବଳ ଅଧ୍ୟୟନ କରିବା ଦ୍ୱାରା ଜଣାପଡ଼େ ଯେ ସୂଚୀ I ରେ ସଂଶୋଧନ କରାଯାଇଛି ବୋଲି କହିବା ପୂର୍ବରୁ ଅଧିସୂଚନା ଜାରି କରିବା ପାଇଁ ସଂସଦର ଏକ ସକାରାତ୍ମକ ଅନୁମୋଦନ ଆବଶ୍ୟକ । କେବଳ ସଂସଦର ପ୍ରତ୍ୟେକ ଗୃହ ସମ୍ମୁଖରେ ଅଧିସୂଚନା ଉପସ୍ଥାପନ କରିବା ଧାରା 16 (2) ର ବ୍ୟବସ୍ଥା ଅନୁପାଳନ ପାଇଁ ଯଥେଷ୍ଟ ନୁହେଁ । ଅବଶ୍ୟ କୌଣସି ସମୟସୀମା ନାହିଁ ଯାହା ମଧ୍ୟରେ କେନ୍ଦ୍ର ସରକାର ଉପଧାରା (2) ଦ୍ୱାରା ମନସ୍ଥ ଅନୁମୋଦନ ମାଗିବା ପରେ ସଂସଦର ଗୃହଗୁଡ଼ିକ ଏକ ସଂକଳ୍ପ ପାରିତ କରିବା ଆବଶ୍ୟକ, କିନ୍ତୁ ବର୍ତ୍ତମାନର ମାମଲାରେ ଆବେଦନଗୁଡିକ ପ୍ରକାଶ କରେ ଯେ ବାସ୍ତବରେ ଏପରି କୌଣସି ଅନୁମୋଦନ ମଗାଯାଇ ନଥିଲା ।

ହିମାଚଳ ପ୍ରଦେଶ ଉଚ୍ଚ ନ୍ୟାୟାଳୟରେ ରିଟ୍ ଆବେଦନଗୁଡ଼ିକର ଶୁଣାଣି ସମୟରେ, ଭାରତ ସରକାରଙ୍କ ପରିବେଶ ଏବଂ ଜଙ୍ଗଲ ମନ୍ତ୍ରଣାଳୟର ଅତିରିକ୍ତ ନିର୍ଦ୍ଦେଶକ ଡକ୍ଟର ଜଗ ରାମଙ୍କ ଦ୍ୱାରା 19 ଜୁଲାଇ, 1999 ରେ ଏକ ସତ୍ୟପାଠ ଦାଖଲ କରାଯାଇଥିଲା । ଉକ୍ତ ଶପଥ ପତ୍ରର ଅନୁଚ୍ଛେଦ 4 ରେ ସେ ନିମ୍ନମତେ ଉଲ୍ଲେଖ କରିଛନ୍ତି:

"4. 5-7 ଜୁଲାଇ, 1999ରେ ଏହି ମାନ୍ୟବର ନ୍ୟାୟାଳୟଙ୍କ ସମ୍ମୁଖରେ ଶୁଣାଣି ସମୟରେ, ଏହି ଉତ୍ତରଦାତାଙ୍କ ଦ୍ୱାରା ଉପରୋକ୍ତ ଶପଥ ପତ୍ର (ତା 9.12.98 ରିଖ) ର ଅନୁଚ୍ଛେଦ 5ରେ କରାଯାଇଥିବା ସତ୍ୟପାଠକୁ ଉଲ୍ଲେଖ କରାଯାଇଥିଲା । ଏହି ପରିପ୍ରେକ୍ଷୀରେ, ଏହି ଉତ୍ତରଦାତା ଦର୍ଶାଇଛନ୍ତି ଯେ ସଂସଦର ଆବଶ୍ୟକୀୟ ନଥି ଏବଂ ଇସ୍ତାହାରଗୁଡ଼ିକୁ ଆହୁରି ଯାଞ୍ଚ କରାଯାଇଛି । ଏହା ଦେଖିବାକୁ ମିଳିଥିଲା ଯେ ତା 16.4.93 ରିଖର ଉପରୋକ୍ତ ଅଧିସୂଚନା ସମ୍ବନ୍ଧୀୟ କୌଣସି ସଂକଳ୍ପ ଆଗତ କରାଯାଇ ନାହିଁ ।

ଉକ୍ତ ଶପଥ ପତ୍ରରେ ଦିଆଯାଇଥିବା ସତ୍ୟପାଠର ସଠିକତାକୁ ଅବିଶ୍ୱାସ କରିବାର କୌଣସି କାରଣ ଆମେ ଦେଖୁ ନାହୁଁ । କରାଯାଇଥିବା ଶପଥପାଠ ସ୍ୱଷ୍ଟ ଏବଂ ଅସନ୍ଦିଗ୍ଧ, ଅର୍ଥାତ୍, 16.4.1993 ତାରିଖର ଅଧିସୂଚନା ସମ୍ବନ୍ଧୀୟ କୌଣସି ସଂକଳ୍ପ ସଂସଦରେ ଆଗତ କରାଯାଇ ନାହିଁ । ଯଦି କୌଣସି ସଂକଳ୍ପ ଆଗତ ହୋଇନଥାନ୍ତା, ତେବେ ସଂସଦର ଅନୁମୋଦନ ନେଇ ପ୍ରଶ୍ନ ଉଠୁନଥାନ୍ତା । ଯଦିଓ ସଂସଦର ପ୍ରତ୍ୟେକ ଗୃହରେ ଅଧିସୂଚନା ଆଗତ କରିବାର ପ୍ରଥମ ପଦକ୍ଷେପ ନିଆଯାଇଥିଲା, ତଥାପି ସଂକଳ୍ପ ଆଗତ ହେବା ସହିତ ସଂକଳ୍ପ ପାରିତ କରିବା ପାଇଁ ପରବର୍ତ୍ତୀ ପଦକ୍ଷେପଗୁଡ଼ିକ ଆରମ୍ଭ ହୋଇନଥିଲା । ଉପଧାରା (2) ରେ ନିର୍ଦ୍ଧାରିତ 15 ଦିନର ସମୟସୀମା ମଧ୍ୟରେ ସଂକଳ୍ପ ଆଗତ ନକରିବାର ପ୍ରଭାବ କ'ଣ ହେବ ସେ ବିଷୟରେ ବିଚାର କରିବାର କୌଣସି ଆବଶ୍ୟକତା ନାହିଁ କାରଣ ବର୍ତ୍ତମାନର ମାମଲାରେ ସଂକଳ୍ପ ଆଗତ କରିବାରେ ବିଳମ୍ବ ହୋଇନାହିଁ । ବାସ୍ତବରେ ଉକ୍ତ ଆବଶ୍ୟକତାକୁ ଅଣନୁପାଳନ କରାଯାଇଥିଲା । ସଂକଳ୍ପ ଆଦୌ ଆଗତ ହୋଇନଥିବାରୁ, ଏହି ଅଧିନିୟମର ଅନୁସୂଚୀ-I ରେ କୌଣସି ବୈଧ ସଂଶୋଧନ ହୋଇଥିଲା ବୋଲି କୁହାଯାଇପାରିବ ନାହିଁ । ତେଣୁ ଆମ ମତରେ, ଉଚ୍ଚ ନ୍ୟାୟାଳୟ ଏହି ଉପସଂହାରରେ ଉପନୀତ ହେବା ଠିକ୍ ଥିଲେ ଯେ ଏହି କରବସାଣ ଏବଂ ଉପକରର କଥିତ ପ୍ରାପ୍ତି ଆଇନ ସମ୍ମତ ନୁହେଁ ।

ତଦନୁସାରେ, ଆବେଦନଗୁଡ଼ିକ ଖାରଜ ହେଲା, କିନ୍ତୁ ଖର୍ଚ୍ଚ ସମ୍ବନ୍ଧରେ କୌଣସି ଆଦେଶ ନାହିଁ ।

2000 ର ଦେୱାନୀ ଆବେଦନ ସଂଖ୍ୟା 4516 ଏବଂ 4517 ।

ଉପରୋକ୍ତ ଆଦେଶକୁ ଦୃଷ୍ଟିରେ ରଖି, ଏହି ଆବେଦନଗୁଡିକ ମଧ୍ୟ ଖାରଜ ହୋଇଛି, କିନ୍ତୁ ଖର୍ଚ୍ଚ ବିଷୟରେ କୌଣସି ଆଦେଶ ନାହିଁ ।

ଆର୍.ପି. ଆବେଦନଗୁଡ଼ିକ ଖାରଜ ହେଲା ।

## ଅସ୍ୱୀକରଣ

"ଉପଭାଷାରେ ଅନୁବାଦିତ ରାୟ କେବଳ ମକଦ୍ଦମାରେ ପକ୍ଷଭୁକ୍ତ ବ୍ୟକ୍ତିଙ୍କର ସୀମିତ ବ୍ୟବହାର ଏବଂ ତାଙ୍କ ଆଞ୍ଚଳିକ ଭାଷାରେ ବୋଧଗମ୍ୟ ହେବା ନିମନ୍ତେ ଉଦ୍ଦିଷ୍ଟ ଏବଂ ଅନ୍ୟ କୌଣସି ଉଦ୍ଦେଶ୍ୟ ନିମନ୍ତେ ଏହା ବ୍ୟବହାର କରାଯାଇନପାରେ । ସମସ୍ତ ବ୍ୟବହାରିକ ଏବଂ ସରକାରୀ ଉଦ୍ଦେଶ୍ୟ ନିମନ୍ତେ ରାୟର ଇଂରାଜୀ ସଂସ୍କରଣଟି ପ୍ରାମାଣିକ ବିବେଚିତ ହେବ ଏବଂ ସମସ୍ତ କାର୍ଯ୍ୟାନ୍ୱୟନ ଏବଂ ନିଷ୍ପାଦନ ନିମନ୍ତେ ଏହା ଉପଯୁକ୍ତ ବିବେଚିତ ହେବ ।"

*ଭାଷାନ୍ତର :*

ରଶ୍ମିତା ମୁର୍ମୁ ,
ଅନୁବାଦିକା,
ଓଡ଼ିଶା ଉଚ୍ଚ ନ୍ୟାୟାଳୟ , କଟକ ।